## ୮୦ କେ.ଜି.ବାର୍ହା ମାଂସ ଜବତ

ଢେଙ୍କାନାଳ ଅଫିସ, ୧୮।୯: ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଷଡ଼ଙ୍ଗୀ ରେଞ୍ଜ୍ ଅଧୀନ ମନ୍ଦାର-ବୃନ୍ଦାବନପୁର ରାସ୍ତାରୁ ରବିବାର ବନ ବିଭାଗ କର୍ମଚାରୀ ୮୦ କେଜି ବାର୍ହା ମାଂସ, ବାର୍ହା ମୁଣ୍ଡ ଏବଂ ମାରଣାସ୍ତ୍ର ଜବତ କରିଛନ୍ତି। ମାଂସ ବିକ୍ରି କରୁଥିବା ଶିକାରୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଧରିବାକୁ ତନାଘନା ଜାରି ରହିଛି। ଶିକାରୀମାନେ ବାର୍ହା ଶିକାର କରି ମାଂସ ବିକ୍ରି କରୁଥିବାବେଳେ ସୂଚନା ପାଇ ବନ କର୍ମଚାରୀମାନେ ଚଢ଼ାଉ କରିଥିଲେ।

## ସଂକ୍ଷେପରେ

### ପାଇଥିବା ଟଙ୍କା ଫେରାଇଲେ



କଣିହାଁ,୧୮।୯(ଡି.ଏନ.ଏ.) କଣିହାଁ ବ୍ଲକ କମରେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୁଃଖବନ୍ଧୁ ଭୂତିଆ ରବିବାର ଏନ୍‌ଟିପିସି ହିଙ୍ଗୁଳା ବଜାରରୁ ପାଇଥିବା ଟଙ୍କା ଓ ମୂଲ୍ୟବାନ ପ୍ରମାଣପତ୍ର ଫେରାଇଛନ୍ତି। ଦୁଃଖବନ୍ଧୁ ଏନ୍‌ଟିପିସି ହିଙ୍ଗୁଳା ବଜାରରୁ ୪୫୦୦ ଟଙ୍କା ସହିତ ମୂଲ୍ୟବାନ ପ୍ରମାଣ ପତ୍ର (ଦସ୍ତାବିଜ୍) ପାଇଥିଲେ। ଯାଞ୍ଚ ପରେ ଉକ୍ତ ଟଙ୍କା ସମଲ ଥାନା ଶିପୁର ଗ୍ରାମର ଅମିନ କିଶାନଙ୍କ ବୋଲି ଜଣାପଡ଼ିଥିଲା। ଉପଯୁକ୍ତ ପ୍ରମାଣ ଦେଇ ଟଙ୍କା ନେବାକୁ ସେ ଫେସ୍‌ବୁକରେ ପୋଷ୍ଟ କରିଥିଲେ। ସନ୍ଧ୍ୟାରେ ଅମିନ ଏନ୍‌ଟିପିସି ବଜାରରେ ଦୁଃଖବନ୍ଧୁଙ୍କୁ ଭେଟିଥିଲେ। ଦୋକାନୀ ମିଟୁ ପ୍ରଧାନଙ୍କ ଉପସ୍ଥିତିରେ ଅମିନଙ୍କୁ ସମସ୍ତ ଦସ୍ତାବିଜ୍ ଓ ଟଙ୍କା ହସ୍ତାନ୍ତର କରିଥିଲେ।

### ପ୍ରତି ଗାଁରେ ଗଢ଼ାହେବ ସଂକୀର୍ତ୍ତନମଣ୍ଡଳୀ

ପରଜଙ୍ଗ, ୧୮।୯(ଡି.ଏନ୍.ଏ.) ପରଜଙ୍ଗ ବ୍ଲକ ଅଧୀନ ୨୯ ପଞ୍ଚାୟତର ସମସ୍ତ ମହିଳା ଓ ପୁରୁଷ ସଂକୀର୍ତ୍ତନମଣ୍ଡଳୀକୁ ନେଇ ରବିବାର ସ୍ଥାନୀୟ ସାଧୁଗୋଷ୍ଠୀ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଧୁମଠ ଆବାହକ ତଅଁଲୁ ସାହୁ, ଅଶୋକ କୁମାର ଦଳବେହେରାଙ୍କ ଆବାହକତ୍ୱରେ ଏହାର ଆୟୋଜନ କରାଯାଇଥିଲା। ଗ୍ରାମାଞ୍ଚଳରେ ସଂକୀର୍ତ୍ତନ ଭଳି ଲୋକକଳା ଲୋପପାଇବାକୁ ବସିଛି। ସଂକୀର୍ତ୍ତନର ପ୍ରଚାରପ୍ରସାର ଏବଂ ପ୍ରତି ଗ୍ରାମରେ ଯେପରି ସଂକୀର୍ତ୍ତନମଣ୍ଡଳୀ ଗଢ଼ାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବହୁ ସଂକୀର୍ତ୍ତନ ଗୁରୁ, କଳାକାର ଉପସ୍ଥିତ ଥିଲେ।

### ବଜ୍ରପାତରେ ଚାଷୀ, ବଳଦ ମୃତ

ବନ୍ତଲା,୧୮।୯(ଡି.ଏନ.ଏ.) ଅନୁଗୋଳ ଜିଲା ବନ୍ତଲା ଥାନା ବଲଙ୍ଗ ଗ୍ରାମର ଚାଷୀ ପ୍ରଭାକର ଦେହୁରୀ(୬୦)ଙ୍କ ରବିବାର ବଜ୍ରପାତରେ ମୃତ୍ୟୁ ଘଟିଛି। ଏଥିସହିତ ତାଙ୍କର ଏକ ବଳଦର ମଧ ଜୀବନ ଯାଇଛି। ଅପରାହ୍ନରେ ଘଡ଼ଘଡି ସହ ବଜ୍ରପାତ ହୋଇଥିଲା। ଏଥିରେ ପ୍ରଭାକର ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ବ୍ୟବଚ୍ଛେଦ କରାଯିବ ବୋଲି ଡାକ୍ତର ପ୍ରକାଶ କରିଛନ୍ତି। ସେହିପରି ନନ୍ଦପୁର ପଞ୍ଚାୟତ ବ୍ରହ୍ମପୁର ଜଗନ୍ନାଥ ମନ୍ଦିରକୁ ବଜ୍ରପାତ ହେବାରୁ ମନ୍ଦିରର ବାନା ଜଳିଯାଇଛି। ଏଥିସହିତ ମନ୍ଦିରରେ ଫାଟ ସୃଷ୍ଟି ହୋଇଛି। ମନ୍ଦିର ବେଢ଼ା ଭିତରେ ଜଗନ୍ନାଥ ଠାକୁରଙ୍କ ମୁକୁଟ ଖସି ପଡ଼ିଥିଲା। ଫଳରେ ଗ୍ରାମବାସୀ ଭୟଭୀତ ହୋଇଛନ୍ତି। ସୋମବାର ଠାକୁରଙ୍କ ମହାସ୍ନାନ କରାଯିବ ବୋଲି ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି।

# 'ରାଜ୍ୟରେ ଦଳିତ ବର୍ଗ ନ୍ୟାୟରୁ ବଞ୍ଚିତ'

ଅନୁଗୋଳ ଅଫିସ, ୧୮।୯



ପ୍ରଶିକ୍ଷଣ ଶିବିରରେ ଭାଜପା ନେତୃବୃନ୍ଦ।

**ଅନୁସୂଚିତ ଜାତି ମୋର୍ଚ୍ଚାର ଦୁଇଦିନିଆ ରାଜ୍ୟ ପ୍ରଶିକ୍ଷଣ ଶିବିର**

ରାଜ୍ୟରେ ଅନୁସୂଚିତ ବର୍ଗ ନ୍ୟାୟ ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ସେମାନଙ୍କ ବିକାଶ ଲାଗି ଆସୁଥିବା କେନ୍ଦ୍ରୀୟ ଅନୁଦାନ ହଡ଼ପ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ବର୍ଷକୁ ଅନ୍ୟୁନ ୩ ଥର ଆଡଭାଇଜରି କମିଟି ବୈଠକ ଅନୁଷ୍ଠିତ ହେବା ନିୟମ ଥିଲେ ମଧ ଥରୁଟିଏ ମଧ ବସୁନାହିଁ। ଅନୁସୂଚିତ ବର୍ଗ ପ୍ରତି ଆକ୍ରମଣ ବଢି ଚାଲିଛି। ତାକୁ ରୋକିବା ଲାଗି ରାଜ୍ୟ ସରକାରଙ୍କ ଆନ୍ତରିକତା ନାହିଁ। ଶାସକ ବିଜେଡିର ଦଳିତ ବିରୋଧୀ ମନୋଭାବ ବିରୋଧରେ ଜନଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି। ଅନୁଗୋଳରେ ରବିବାରଠାରୁ ଆରମ୍ଭ ହୋଇଥିବା ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରି ସେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।

ଅନୁସୂଚିତ ବର୍ଗଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ମୂଳକ କାର୍ଯ୍ୟକ୍ରମର ଅବତାରଣା କରି ସେ କହିଛନ୍ତି, ମୋଦି ସରକାର ଦେଶର ୨୦୦୦ରୁ ଊର୍ଦ୍ଧ୍ୱ ଅନୁସୂଚିତ ଜାତି ବହୁଳ ଗ୍ରାମକୁ ଆଦର୍ଶ ଗାଁ ଭାବେ ବିକଶିତ କରିବାକୁ ସଂକଳ୍ପବଦ୍ଧ। ମୁଦ୍ରା ଯୋଜନାରେ ଏହି ବର୍ଗର ୩୪ କୋଟି ଲୋକେ ଉପକୃତ ହୋଇଛନ୍ତି। ସେମାନଙ୍କୁ ୧୮.୬ଲକ୍ଷ କୋଟି ଟଙ୍କାର ଋଣ ଯୋଗାଇ ଦିଆଇଛି। ୩.୧ କୋଟି ଅନୁସୂଚିତ ମହିଳା ଉଜ୍ଜ୍ୱଳା ଯୋଜନାରେ ମାଗଣା ଗ୍ୟାସ୍ ସଂଯୋଗ ପାଇଛନ୍ତି। ଏହି ବର୍ଗର ୧.୩୧ କୋଟି ପରିବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇଛନ୍ତି। ଅନସୂଚିତ ବର୍ଗ ଛାତ୍ରଛାତ୍ରୀଙ୍କ ସ୍କଲାରଶିପ୍ ୨ ଗୁଣା କରାଯାଇଛି। ଏଥିରେ ୭.୭ ହଜାର କୋଟି ଟଙ୍କା ବ୍ୟୟ କରାଯାଇଛି। ଉଦ୍ୟୋଗ ପ୍ରତିଷ୍ଠା ପାଇଁ ୫୫୦୦ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଦକ୍ଷତା ବୃଦ୍ଧି ପାଇଁ ୨.୭ କୋଟି ଅନୁସୂଚିତ ବର୍ଗ ଯୁବକଙ୍କୁ ନିଃଶୁଳ୍କ ପ୍ରଶିକ୍ଷଣ ଦିଆଯାଉଛି। ଭାଜପାର ସେବା ପକ୍ଷ ଅବସରରେ ରାଜ୍ୟ ସଭାପତି ମହାନ୍ତି ଦଳୀୟ ଜିଲା କାର୍ଯ୍ୟାଳୟରେ ଚାରା ରୋପଣ କରିଛନ୍ତି। ଦୁଇଦିନିଆ ଏହି ଶିବିରରେ ସୋମବାର ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧକ୍ଷ ଲାଲ୍ ସିଂହ ଆର୍ଯ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ସଭାପତି ବିଭୁପ୍ରସାଦ ତରାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମଲ୍ଲିକ, କଳ୍ପନା ମଲ୍ଲିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ପ୍ରଧାନ, ଅଗସ୍ତି ବେହେରା, ଅନୁଗୋଳ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ ପ୍ରମୁଖ ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## ନିଶା କାରବାରରେ ଲିପ୍ତ ଦୋକାନ ଭାଙ୍ଗିବାକୁ ଦାବି

ଅନୁଗୋଳ ଅଫିସ, ୧୮।୯

■ପୋଲିସ, ଅବକାରୀ ବିଭାଗକୁ ଭରସା ନାହିଁ
■ପୌରପାଳିକା ନିକଟରେ ଅଭିଯୋଗ କଲେ



ଗଳିକନ୍ଦିରେ ମିଳୁଛି ମଦ, ଗଞ୍ଜେଇ। ଟଙ୍କା ଦେଲେ ମାଫିଆ ଯୋଗାଇ ଦେଉଛନ୍ତି ବ୍ରାଉନ୍ ସୁଗାର। ଅନୁଗୋଳରେ ଗତ କିଛିଦିନ ହେଲା ଏଭଳି ନିଶା କାରବାର ପୋଲିସ, ଅବକାରୀ ବିଭାଗର ନିଦ ହଜାଇ ଦେଇଥିବାବେଳେ ଏହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ସହରବାସୀ। ପୋଲିସ ଏବଂ ଅବକାରୀ ବିଭାଗ ଉପରେ ଭରସା ପାଉ ନ ଥିବାରୁ କେତେଜଣ ବୁଦ୍ଧିଜୀବୀ ପୌରପାଳିକା ନିକଟରେ ଅଭିଯୋଗ କରିଛନ୍ତି। ବେଆଇନ ନିଶା କାରବାରରେ ଲିପ୍ତ ଦୋକାନଗୁଡ଼ିକ ଭାଙ୍ଗିବା ସହ ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ନିକଟରେ ଅନୁଗୋଳ ସହରରୁ ଧରାପଡ଼ିଛି ୨୬୨ ଗ୍ରାମ ଧଳାଜହର। ଏଭଳି ନିଷିଦ୍ଧ ନିଶା କାରବାରରେ ଲିପ୍ତ ଅଭିଯୋଗରେ ୩ଜଣ ବନ୍ଦୀ ହୋଇଛନ୍ତି। ପୋଲିସ-ଅବକାରୀ ବିଭାଗ ସମନ୍ୱୟ ରକ୍ଷା କରି ମିଳିତ ଚଢ଼ାଉ କଲେ ଏଭଳି ଅନେକ ନିଶା ବେପାରୀଙ୍କ ଠିକଣା ମିଳିବ। ହେଲେ ତାହା ହେଉନାହିଁ। ଫଳରେ ଯୁବପିଢ଼ି ନିଶା କବଳରେ ପଡୁଛନ୍ତି। ସହରରେ ଅଶାନ୍ତର ବାତାବରଣ ସୃଷ୍ଟି ହେଉଛି। ଦୁଇ ବିଭାଗ ମଧରେ ଭରସା ପାଉ ନ ଥିବାରୁ କେତେଜଣ ବୁଦ୍ଧିଜୀବୀ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ନିଶା ଧରପଗଡ଼ କାମ ପୋଲିସ ଓ ଅବକାରୀ ବିଭାଗର ହୋଇଥିବାରୁ ଏଥିରେ ହସ୍ତକ୍ଷେପ କରିବାକୁ ଅଧିକାରୀ ମନା କରିଥିଲେ। କିନ୍ତୁ ସେମାନେ ପୋଲିସ ଓ ଅବକାରୀ ବିଭାଗ ନିକଟରେ ଅଭିଯୋଗ କରିବାକୁ ଅମଙ୍ଗ ହୋଇଛନ୍ତି।

ଏ ନେଇ ଜଣେ ପୌର କର୍ମଚାରୀ କହିଛନ୍ତି, ଏଭଳି ଅଭିଯୋଗ ଆସିଥିଲା। କିନ୍ତୁ ନିଶା କାରବାରରେ ହସ୍ତକ୍ଷେପ କରିବା ଆମ କ୍ଷମତା ବାହାରେ। ତେଣୁ ଅଭିଯୋଗକାରୀଙ୍କୁ ଅବକାରୀ ବିଭାଗ ଓ ପୋଲିସ ନିକଟରେ ଅଭିଯୋଗ କରିବାକୁ କୁହାଯାଇଛି।

## ବାଲିଘାଟ ନିଲାମ ପାଇଁ ଜନଶୁଣାଣି



ଜନଶୁଣାଣି କାର୍ଯ୍ୟକ୍ରମରେ ଉଭୟ ଗ୍ରାମର ବୁଦ୍ଧିଜୀବୀ ଓ ଜନପ୍ରତିନିଧି ଉପସ୍ଥିତ ଅଛନ୍ତି।

କଣିହାଁ, ୧୮।୯ (ଡି.ଏନ.ଏ.)

କଣିହାଁ ତହସିଲ ଡେରେଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଶନିବାର ଡେରେଙ୍ଗ ଓ ଖଜୁରିଆ ବାଲିଘାଟରୁ ବାଲି ଚାଲାଣକୁ ନେଇ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସନ୍ତୋଷ ପ୍ରଧାନ, ଜିଲା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ଅନୁପ ମଲ୍ଲିକ, ତହସିଲଦାର ପତିତପାବନ ଦେବତା, ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ତହସିଲଦାର ଦେବତା କହିଛନ୍ତି, ଉଭୟ ଗ୍ରାମର ଟିକିରା ନଦୀକୂଳରୁ ବାଲି ଚାଲାଣ ପାଇଁ ଘାଟ ନିଲାମ ହୋଇଛି। ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ଅନୁମତି ମିଳିବା ପରେ ନିଲାମଧାରୀ ବାଲି ଚାଲାଣ କରିପାରିବେ।

## ବିପୁଳ ମଦ ଜବତ, ୫ ଗିରଫ

ଢେଙ୍କାନାଳ ଅଫିସ, ୧୮।୯

ଢେଙ୍କାନାଳ ଜିଲା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୦୨ ଲିଟର ଚୋରା ଦେଶୀ ଏବଂ ୩୦୬୦ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ୫ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ମହୁଲପାଳ ଗ୍ରାମର ଅକ୍ଷୟ ରାଉତ, ଜକା ଗ୍ରାମର ଗୋମତୀ ସେଠୀ, ଅନ୍ତର୍ଯ୍ୟାମୀ ସେଠୀ, ଡିହଡୋଳ ଗ୍ରାମର ମଳୟ ସାହୁ, ଗେହ୍ଲେଇକାଟେଣୀର ଭୀଷ୍ମ ନାଏକ। ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି ଚଢ଼ାଉରେ ଅବକାରୀ ଅଧୀକ୍ଷକ ପ୍ରଦୀପ ପାଣିଗ୍ରାହୀଙ୍କ ନେତୃତ୍ୱରେ କର୍ମଚାରୀମାନେ ସାମିଲ ହୋଇଥିଲେ।

## ରାଜ୍ୟ ସରକାରଙ୍କୁ ହକ୍ ମାଗିଲେ ଶିକ୍ଷକ

କାମାକ୍ଷାନଗର, ୧୮।୯(ଡି.ଏନ୍.ଏ.)



ସମ୍ମିଳନୀରେ ଉପସ୍ଥିତ ସଂଘର କାର୍ଯ୍ୟକର୍ତ୍ତାବୃନ୍ଦ।

ଢେଙ୍କାନାଳ ଜିଲା କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମସ୍ଥିତ ଗଡ଼ଜାତ ଭବନ ପରିସରରେ ନିଖିଳ ଉତ୍କଳ ଅନୁଦାନପ୍ରାପ୍ତ ୪୮ ବର୍ଗ ଶିକ୍ଷକ ଓ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଅବସର ପରେ ପେନ୍‌ସନ୍, ଚାକିରି ସର୍ତ୍ତାବଳୀ ଆଦି ତୁରନ୍ତ କାର୍ଯ୍ୟକାରୀ କରିବାକୁ ସଂଘ ପକ୍ଷରୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ରାଜ୍ୟ ସଭାପତି ମାନସ ପୁରୋହିତଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲାର ସଂଘର ବହୁ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ। ସରକାର ଦାବି ପୂରଣ ନ କଲେ ଆଗାମୀ ଦିନରେ ୪୮ ବର୍ଗ ଶିକ୍ଷକ ଓ କର୍ମଚାରୀମାନେ କାର୍ଯ୍ୟବନ୍ଦ କରିବେ ବୋଲି ଚେତାବନୀ ଦିଆଯାଇଛି। ହଜାର ହଜାର କର୍ମଚାରୀଙ୍କ ସ୍ୱାର୍ଥକୁ ନଜରରେ ରଖି ରାଜ୍ୟ ସରକାର ସମାଧାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

## ପରମ୍ପରା ବଜାୟ ରଖିବାକୁ ଆହ୍ୱାନ



ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

ବଇଣ୍ଡା,୧୮।୯(ଡି.ଏନ.ଏ.)

ପର୍ବପର୍ବାଣି ଏବଂ ସାମାଜିକ କାର୍ଯ୍ୟ ପାଇଁ ଓଡ଼ିଶାର ସ୍ୱତନ୍ତ୍ରତା ରହିଛି। ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ମଧ ସ୍ୱତନ୍ତ୍ର। ମିଳିତ ଉଦ୍ୟମ ହେଲେ ପରମ୍ପରା ବଞ୍ଚିବ। ଏଥିପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ରବିବାର କିଶୋରନଗର ବ୍ଲକ ବଇଣ୍ଡା କଲ୍ୟାଣ ମଣ୍ଡପ ପରିସରରେ ଅସହାୟ ସହାୟତା କମିଟି ପକ୍ଷରୁ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ମନୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଆଇନଜୀବୀ ପ୍ରଫୁଲ୍ଲ ନାୟକ, ସାମାଜିକ କର୍ମୀ ବାପି ମହାନ୍ତି, ରଣଜିତ୍ ପଟ୍ଟନାୟକ, ଶିକ୍ଷାବିତ୍ ସଚ୍ଚିଦାନନ୍ଦ ସାହୁ, ପୂର୍ବତନ ସରପଞ୍ଚ ଧୋବେଇ ବେହେରା, ଅବସରପ୍ରାପ୍ତ କୃଷି ଅଧିକାରୀ ଗୁଣନିଧି ପ୍ରଧାନ, କ୍ଷୀରୋଦ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପୂଜକ ରାଜେଶ ମିଶ୍ର ବେଦପାଠ କରିଥିଲେ। ଲୁହାମୁଣ୍ଡା ହାଇସ୍କୁଲର ଛାତ୍ରୀ ଇପ୍ସିତା ମିଶ୍ର ସଙ୍ଗୀତ ଗାନ କରିଥିଲେ। କମିଟି ସଭାପତି ପ୍ରବୀଣ ସାହୁ, ଅବସରପ୍ରାପ୍ତ ଶିକ୍ଷକ ରମେଶ ମିଶ୍ର ପରିଚାଳନା କରିଥିଲେ। ସମ୍ପାଦକ ଦୀପକ ପ୍ରଧାନ, ବିଶ୍ୱଜିତ୍ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# 'ସ୍ୱଚ୍ଛତାକୁ ଗୁରୁତ୍ୱ ଦିଅ'




ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ ସ୍ୱଚ୍ଛତା ପକ୍ଷ।

ଢେଙ୍କାନାଳ ଅଫିସ, ୧୮।୯

ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ହାଇସ୍କୁଲରେ 'ଆଜାଦୀ କା ଅମୃତ ମହୋତ୍ସବ' ଉପଲକ୍ଷେ ୧୫ଦିନ ବ୍ୟାପୀ ସ୍ୱଚ୍ଛତା ପକ୍ଷ-୨୦୨୨ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳ ସ୍ୱଚ୍ଛତାର ସୁଦୂର ପ୍ରସାରୀ ପ୍ରଭାବ ବିଷୟରେ ଆଲୋଚନା କରିବା ସହ ପରିଷ୍କାର ପରିଚ୍ଛନ୍ନତାକୁ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ଶିକ୍ଷକ ଡ. ଦେବୀ ପ୍ରସାଦ ମିଶ୍ର ସ୍ୱଚ୍ଛତା ହିଁ ଉତ୍ତମ ସ୍ୱାସ୍ଥ୍ୟ ତଥା ନୀରୋଗ ଜୀବନଯାପନର ମୂଳମନ୍ତ୍ର ବୋଲି କହିଥିଲେ। ଏହି ଅବସରରେ ଶପଥପାଠ, ଯୋଜନା କାର୍ଯ୍ୟକାରୀ କରିବା ନେଇ ଆଲୋଚନା, ଫର୍ଦ୍ଦ ପ୍ରସ୍ତୁତି, ବିଦ୍ୟାଳୟ ପରିସରରେ ସଫେଇ, କରୋନା ଟିକାକରଣ, ଜଳ ସଂରକ୍ଷଣ, ପାନୀୟ ଜଳର ସୁବିନିଯୋଗ, ଜଳବାହିତ ରୋଗ ସମ୍ପର୍କରେ ସଚେତନତା, ପ୍ରାକୃତିକ ସମ୍ପଦର ସଂରକ୍ଷଣ, ପ୍ଲାଷ୍ଟିକ ବର୍ଜନ, ହାତ ଧୋଇବା ଅଭ୍ୟାସ ଆଦି ବିଷୟରେ ସଚେତନ କରାଯାଇଥିଲା। ସ୍ୱଚ୍ଛତା ସମ୍ପର୍କିତ କର୍ମଶାଳା, ପ୍ରବନ୍ଧ, କବିତା ଲିଖନ, ସ୍ଲୋଗାନ, ଚିତ୍ରାଙ୍କନ, ପୋଷ୍ଟର ଆଦି ବିଭାଗରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମୋଦ କୁମାର ଛୋଟରାୟ, ଉପସଭାନେତ୍ରୀ ସୁପ୍ରଭା ସ୍ୱାଇଁଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସଫେଇ

ଢେଙ୍କାନାଳ ଅଫିସ, ୧୮।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୟନ୍ତୀ ଉପଲକ୍ଷେ ଭାଜପା ପକ୍ଷରୁ ଆରମ୍ଭ ହୋଇଛି ସେବା ପକ୍ଷ। ଏହି ଅବସରରେ ଢେଙ୍କାନାଳ ଜିଲା ଭାଜପା ପକ୍ଷରୁ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଏବଂ ଆଖପାଖ ଅଞ୍ଚଳରେ ସଫେଇ କରାଯାଇଛି। ପୂଜ୍ୟପୂଜାକୁ ସମ୍ମାନ ସ୍ୱରୂପ ପ୍ରତିମୂର୍ତ୍ତିଗୁଡ଼ିକୁ କ୍ଷୀର ଏବଂ ସ୍ୱଚ୍ଛ ଜଳରେ ସଫା କରାଯାଇଥିଲା। ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ରାମଚନ୍ଦ୍ର ପାତ୍ର, ଜିଲା ମିଡିଆସେଲ ପ୍ରଭାରୀ ନବକିଶୋର ଗୁରୁ, ଉପସଭାପତି ମାତୃପ୍ରସାଦ ନନ୍ଦ, ବିଷ୍ଣୁ ପ୍ରସାଦ ଲେଙ୍କା, ଜିଲା ଯୁବ ମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟରଞ୍ଜନ ଭୂୟାଁଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଭାଜପାର ସ୍ୱଚ୍ଛଭାରତ ଅଭିଯାନ।

# ୧୫ଦିନ ହେଲା ଆମ୍ବୁଲାନ୍ସ ଅଚଳ

ଭୁବନ, ୧୮।୯(ଡି.ଏନ୍.ଏ.)




**ମିଳୁନି ଗିୟର ବକ୍ସ, ରୋଗୀ କଲବଲ**

ପ୍ରାୟ ୧୫ଦିନ ହେଲା ଭାଙ୍ଗିଯାଇଛି ୧୦୮ ଆମ୍ବୁଲାନ୍ସର ଗିୟର ବକ୍ସ। ଜରୁରିକାଳୀନ ସହାୟତା ମାଗିଲେ ଆଖପାଖ ସ୍ୱାସ୍ଥ୍ୟକେନ୍ଦ୍ରର ଆମ୍ବୁଲାନ୍ସ ପହଞ୍ଚୁଛି ସତ, ହେଲେ କେତେବେଳ ଘଣ୍ଟାଏ ତ ଆଉ କେତେବେଳ ଦୁଇଘଣ୍ଟା ବିଳମ୍ବରେ। ସେତେବେଳକୁ ଯନ୍ତ୍ରଣାରେ କଲବଲ ହେଉଛନ୍ତି ଦୁର୍ଘଟଣାଗ୍ରସ୍ତ ରୋଗୀ, ଗର୍ଭବତୀ ଏବଂ ପ୍ରସୂତି। ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ଅଚଳ କାରଣରୁ ପ୍ରାୟ ଦୁଇସପ୍ତାହ ଧରି ଲାଗି ରହିଛି ଏଭଳି ଅଚଳାବସ୍ଥା, ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଭୁବନ ବ୍ଲକ, ଏନ୍‌ଏସି, ଗଁଦିଆ ବ୍ଲକ ସମେତ ପଡ଼ୋଶୀ ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳବାସୀ ନିର୍ଭରଶୀଳ। ତେବେ ଏଠାରେ ମୁତୟନ ଏକମାତ୍ର ୧୦୮ ଆମ୍ବୁଲାନ୍ସର ଗିୟର ବକ୍ସ ଭାଙ୍ଗିଯାଇଥିବାରୁ ୧୫ଦିନ ହେଲା ଏହା ଅଚଳ ହୋଇପଡ଼ିଛି। ଫଳରେ ଦୁର୍ଘଟଣାରେ ଗୁରୁତରମାନେ ଠିକ୍ ସମୟରେ ମେଡିକାଲରେ ପହଞ୍ଚି ପାରୁନାହାନ୍ତି। ଦୁର୍ଗମ ଅଞ୍ଚଳବାସୀ ମଧ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଡାକ୍ତରଖାନାରେ ୧୦୮ ଆମ୍ବୁଲାନ୍ସ କ୍ଷେତ୍ରରେ ଏଭଳି ଅବ୍ୟବସ୍ଥା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଆମ୍ବୁଲାନ୍ସ ସଜାଡ଼ିବାକୁ ସାଧାରଣରେ ଦାବି ହେଉଛି।

ଏ ସଂକ୍ରାନ୍ତରେ ଜିଲାର ୧୦୮ ଆମ୍ବୁଲାନ୍ସ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ଜ୍ଞାନୋଦୟ ଦାସ କୁହନ୍ତି, ଉକ୍ତ ଆମ୍ବୁଲାନ୍ସର ଗିୟର ବକ୍ସ ଭାଙ୍ଗିଯାଇଛି। ଏହାର ପାର୍ଟ ମିଳୁ ନ ଥିବାରୁ ମୁମ୍ବାଇରୁ ମଗାଯାଇଛି। ଯନ୍ତ୍ରାଂଶ ଆସିବା ପରେ ମରାମତି କରାଯାଇ ଆମ୍ବୁଲାନ୍ସ କାର୍ଯ୍ୟକ୍ଷମ ହେବ।

## ଭାଜପାର ମଣ୍ଡଳସ୍ତରୀୟ ବୈଠକ

ବଇଣ୍ଡା,୧୮।୯(ଡି.ଏନ.ଏ.)

କିଶୋରନଗର ବ୍ଲକ ଘୋଷାର ଆମ୍ବତୋଟାରେ ରବିବାର ଭାଜପାର ମଣ୍ଡଳସ୍ତରୀୟ କାର୍ଯକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଠମଲ୍ଲିକ ବିଧାନସଭା ସଂଯୋଜକ ଡ. ଅଲେଖ ପ୍ରଧାନ, ମଣ୍ଡଳ ସଭାପତି ଅର୍ଜୁନ ପାଣ୍ଡେ, ହୃଦାନନ୍ଦ ପ୍ରଧାନ, ସରୋଜ ସାହୁ, ସରୋଜ ଦାସ, ରତ୍ନାକର ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ପ୍ରବୋଧ ବେହେରା, ଅଜିତ ପ୍ରଧାନ, ସନ୍ତୋଷ ଦାସ, ଜିତେନ୍ଦ୍ର ସାହୁ, କୀର୍ତ୍ତିଭୂଷଣ ପ୍ରଧାନ, ଗୋଲେଖ ସାହୁଙ୍କ ସମେତ ବହୁ ଭାଜପା କର୍ମୀ ଯୋଗଦେଇଥିଲେ। ଏଥିରେ ମଣ୍ଡଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ନିର୍ବାଚନରେ ଆଠମଲ୍ଲିକ ବିଧାନସଭା ଆସନରେ ଭାଜପା ଯେପରି ଭଲ ପ୍ରଦର୍ଶନ କରିବ ସେ ନେଇ କର୍ମୀଙ୍କୁ ପରାମର୍ଶ ଦିଆଯାଇଥିଲା।



ବୈଠକରେ ଉପସ୍ଥିତ ଭାଜପା କର୍ମୀମାନେ।

**ଗ୍ରୀଲ ଚୋରି ଅଭିଯୋଗରେ ୨ ଗିରଫ**

ଅନୁଗୋଳ ଅଫିସ,୧୮।୯: ଅନୁଗୋଳ ଥାନା ଗୁଜୁରାତିପଡ଼ାରେ ଗ୍ରୀଲ ଚୋରି ଅଭିଯୋଗରେ ପୋଲିସ ଗରଡ଼ାଗାଡ଼ିଆ ଅଞ୍ଚଳର ଛେଲୁ ଗୋଚ୍ଛାୟତ(୩୯) ଏବଂ ପ୍ରଫୁଲ ଗୋଚ୍ଛାୟତ(୫୮)ଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ଗୁଜୁରାତିପଡ଼ାରେ ନିରଜଙ୍କ ଘରୁ ଶନିବାର ବିଳମ୍ବିତ ରାତିରେ ଗ୍ରୀଲ ଚୋରି କରି ନେଉଥିବାବେଳେ ପରିବାର ଲୋକେ ଉଭୟଙ୍କୁ କାବୁ କରିଥିଲେ। ପରେ ପୋଲିସ ଜିମା ଦେଇଥିଲେ। ଏ ନେଇ ନୀରଜଙ୍କ ଅଭିଯୋକ୍ରମେ ପୋଲିସ ନଂ. ୪୯୮/୨୨ରେ ମାମଲା ରୁଜୁ କରିଥିଲା।

## ସଂକ୍ଷେପରେ

### ରାସ୍ତାରେ ଜଳିଗଲା ଟ୍ରକ୍



ଅନୁଗୋଳ ଅଫିସ,୧୮।୯-ଅନୁଗୋଳ ନାଲ୍କୋ ସିପିପି ଛକରେ ରବିବାର ଏକ କୋଇଲା ବୋଝେଇ ଟ୍ରକ୍ ଜଳିଯାଇଛି। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ସୂଚନାଯୋଗ୍ୟ, ନାଲ୍କୋ ସିପିପି ଛକରେ ଛିଡା ହୋଇଥିବା ଏକ କୋଇଲା ବୋଝେଇ ଟ୍ରକ୍ରେ ହଠାତ୍ ନିଆଁ ଲାଗିଯାଇଥିଲା। ଶଟ୍ସର୍କିଟ୍ ଯୋଗୁ ଟ୍ରକ୍ରେ ନିଆଁ ଲାଗିଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ବଇଣ୍ଡା,୧୮।୯(ଡି.ଏନ.ଏ.)- ହଣ୍ଡପା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଢେଙ୍କାନାଳ ସଦର ଥାନା ତରଭା ଗ୍ରାମର ଶ୍ରୀତମ୍ ବେହେରା ବଳାତ୍କାର କରିଥିବା ରବିବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୨୫୭/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବାବେଳେ ଶ୍ରୀତମ ଉକ୍ତ ଯୁବତୀଙ୍କୁ ବଇଣ୍ଡା ଅଞ୍ଚଳକୁ ଡାକି ବଳାତ୍କାର କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଖୁବ୍ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ନମିତା ନାୟକ ସୂଚନା ଦେଇଛନ୍ତି।

### ଦୁର୍ଗା ଓ କାଳୀପୂଜା କମିଟିର ନୂତନ କର୍ମକର୍ତ୍ତା

ବଅାଁରପାଳ,୧୮।୯(ଡି.ଏନ.ଏ.)- ନାଲ୍କୋ ସାର୍ବଜନୀନ ଦୁର୍ଗା ଓ କାଳୀ ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ସଭାପତି ଭାବେ ବି.ଆର ପଟ୍ଟନାୟକ, ସମ୍ପାଦକ ଭାବେ ମନୋଜ କୁମାର ସ୍ୱାଇଁଙ୍କୁ ଚୟନ କରାଯାଇଛି। କାର୍ଯ୍ୟକାରୀ ସଭାପତି ଭାବେ ଡି.କେ ସାହୁ, ବିରଞ୍ଚି ସାମଲ, ସନ୍ତୋଷ ମହାରଣା, ସରୋଜ ସାହୁଙ୍କୁ ଚୟନ କରାଯାଇଛି। ସେହିପରି ଯୁଗ୍ମ ସମ୍ପାଦକ ଭାବେ ହରେକୃଷ୍ଣ ନାଥ, କୋଷାଧ୍ୟକ୍ଷ ଭାବେ ଲିଟୁ ଗଡନାୟକଙ୍କୁ ଚୟନ କରାଯାଇଛି। ଶନିବାର ଦୁର୍ଗା ପୂଜା ପାଇଁ ମାଟି ଅନୁକୂଳ ହୋଇଥିଲା। ପ୍ରଶାନ୍ତ ସାମଲ, ସୁଧାଂଶୁ ମିଶ୍ର, ଚିତ୍ତ ମୁଦୁଲି ସହଯୋଗ କରିଥିଲେ।

### ନାଲ୍କୋ ବଅାଁରପାଳ ସାମ୍ବାଦିକ ସଂଘର ଷ୍ଟଲ ଉଦ୍ଘାଟିତ

ବଅାଁରପାଳ,୧୮।୯(ଡି.ଏନ.ଏ.)- ନାଲ୍କୋର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଅବସରରେ ଜଗନ୍ନାଥ ମନ୍ଦିର ନିକଟରେ ନାଲ୍କୋ ପକ୍ଷରୁ ଦିଆଯାଇଥିବା ନାଲ୍କୋ ବଅାଁରପାଳ ସାମ୍ବାଦିକ ସଂଘର ଷ୍ଟଲ ଶନିବାର ସନ୍ଧ୍ୟାରେ ଉଦ୍ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନାଲ୍କୋ ଚିକିତ୍ସାଳୟର କର୍ଣ୍ଣ, ନାସା, ଗଳା ବିଶେଷଜ୍ଞ ଡାକ୍ତର ଶମ୍ଭୁ ପ୍ରସାଦ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ। ଷ୍ଟଲ୍ରେ ପରିଦର୍ଶକଙ୍କୁ ବିଭିନ୍ନ ସୂଚନା, ସଚେତନତା ଏବଂ ମେଳାରେ ଅସହାୟଙ୍କୁ ସହାୟତା କରିବା ମୁଖ୍ୟ ଲକ୍ଷ୍ୟ ରହିବ ବୋଲି ସଂଘ ସଭାପତି ଉପେନ୍ଦ୍ର ରାଉତ ପ୍ରକାଶ କରିଥିଲେ।

ଅନ୍ୟତମ ଅତିଥି ଭାବେ ବିଭୁ ପ୍ରସାଦ ଶତପଥୀ ଯୋଗଦେଇ ମେଳାକୁ ଆସୁଥିବା ପରିଦର୍ଶକମାନେ ଗାଡି ଚଲାଇବାବେଳେ ହେଲମେଟ୍ ପିନ୍ଧିବା, ଟ୍ରାଫିକ ନିୟମ ମାନିବା ଏବଂ ମେଳା ମହୋତ୍ସବମାନଙ୍କରେ ପଡୁଥିବା ଖାଦ୍ୟ ପଦାର୍ଥକୁ ଠିକ ଯାଞ୍ଚ କରିବା, ଯାତ୍ରା ସମୟରେ ନିଜର ସୁରକ୍ଷାକୁ ଧ୍ୟାନ ଦେବା ସହ ସତର୍କତା ଅବଲମ୍ବନ କରିବା ଉପରେ ମତବ୍ୟକ୍ତ କରିଥିଲେ। ସାଧାରଣ ସମ୍ପାଦକ ସନ୍ତୋଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ନିରଞ୍ଜନ ନାଏକ, ନିପୁ ଭୂତିଆ, ପ୍ରଫୁଲ୍ଲ ସିଂହ, ଜଗନ୍ନାଥ ବେହେରା, ଲୋକନାଥ ନନ୍ଦ, ଗୋବିନ୍ଦ ଟୁଡୁ, ଦିବ୍ୟରଞ୍ଜନ ସାମଲ ପ୍ରମୁଖ ସହଯୋଗ କରିଥିଲେ।

# ଖଣିଜ ପାଣ୍ଠିର ସୁବିନିଯୋଗ ଉପରେ ଗୁରୁତ୍ୱ

ଅନୁଗୋଳ ଅଫିସ, ୧୮।୯




## ଖଣି ପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ପରାମର୍ଶ

ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନାକୁ ଜିଲା ଖଣିଜ ପାଣ୍ଠି ଆନୁକୂଲ୍ୟରେ କାର୍ଯ୍ୟକାରୀ କରିବା ଲାଗି ୧୦ମ ବୋର୍ଡ ଅଫ୍ ଟ୍ରଷ୍ଟିର ବୈଠକ ଶନିବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏମ୍ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ବଲପୁର ଏମ୍ପିଙ୍କ ପ୍ରତିନିଧି ଅଗସ୍ତି ବେହେରା ପ୍ରମୁଖ ଯୋଗଦେଇ ଜିଲା ଖଣିଜ ପାଣ୍ଠିର ସୁବିନିଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାପାଳ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ଜୀବନଧାରଣମାନରେ ଉନ୍ନତି ଆଣିବା ଲାଗି ପାଣ୍ଠିର ସଦ୍ବିନିଯୋଗ ଉପରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ।

୨୦୨୧ ଅଗଷ୍ଟ ୩୧ରେ ଅନୁଷ୍ଠିତ ୯ମ ବୈଠକର ନିଷ୍ପତ୍ତିକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ଉପରେ ସଦସ୍ୟମାନେ ଗୁରୁତ୍ୱ ଦେଇଥିଲେ। ଜିଲା ଖଣିଜ ପାଣ୍ଠିରେ ୫୩୧.୨୧ କୋଟି ଟଙ୍କା ରହିଛି। ୨୦୨୨ ଅଗଷ୍ଟ ସୁଦ୍ଧା ୨୩୨୦.୫୪ କୋଟି ଟଙ୍କା ସଂଗ୍ରହ କରାଯାଇଛି। ୬୧୪ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ସେହିପରି ଉଚ୍ଚ ଅଗ୍ରାଧିକାର କ୍ଷେତ୍ରରେ ୨,୯୫୯ ଏବଂ ଅନ୍ୟାନ୍ୟ ୧,୭୬୦ ପ୍ରକଳ୍ପକୁ ସବୁଜ ସଙ୍କେତ ଦିଆଯାଇଛି। ୧୪୭୯.୮୬ କୋଟି ଟଙ୍କା ଖର୍ଚ୍ଚ କରାଯାଇ ବିନିଯୋଗ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ତାଳଚେର, ଛେଣ୍ଡିପଦା, କଣିହାଁ, ବଅାଁରପାଳ ଏବଂ ଅନୁଗୋଳ ବ୍ଲକର ମୋଟ ୬୧୩ ଗ୍ରାମ ଖଣି ପ୍ରଭାବିତ। ଏହାର ପ୍ରଭାବରେ ପରୋକ୍ଷରେ ରିଆମାଳ, ପରଜଙ୍ଗ, କଙ୍କଡ଼ାହାଡ଼ ଏବଂ ଓଡ଼ାପଡ଼ା ବ୍ଲକର ୮୨ ଗ୍ରାମ ପ୍ରଭାବିତ ହେଉଛି। ତେଣୁ ଅଗ୍ରାଧିକାର ଭିତ୍ତିରେ ପାନୀୟ ଜଳ ଯୋଗାଣ ପାଇଁ ୯୨୬ ପ୍ରକଳ୍ପ, ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ ଲାଗି ୨୦୭ ପ୍ରକଳ୍ପ, ସ୍ୱାସ୍ଥ୍ୟସେବା ପାଇଁ ୩୦୬ ପ୍ରକଳ୍ପ, ଶିକ୍ଷାପାଇଁ ୧,୧୪୭ ପ୍ରକଳ୍ପ, ମହିଳା ଓ ଶିଶୁ ବିକାଶ ନିମନ୍ତେ ୨୦୭ ପ୍ରକଳ୍ପ , ବୟସ୍କ ଓ ଭିନ୍ନକ୍ଷମଙ୍କ ଉନ୍ନତି ନିମନ୍ତେ ୧୩ ପ୍ରକଳ୍ପ, ଦକ୍ଷତା ବିକାଶ ନିମନ୍ତେ ୨୨୯ ପ୍ରକଳ୍ପ, ପରିମଳ ନିମନ୍ତେ ୫୯ ପ୍ରକଳ୍ପ, ରାସ୍ତା ସଂଯୋଗୀକରଣ ନିମନ୍ତେ ୨୫ ପ୍ରକଳ୍ପ, ଜୀବିକା ଉପାର୍ଜନ ନିମନ୍ତେ ୩୨ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି।

ସେହିପରି ଭିତ୍ତିଭୂମି ବିକାଶରେ ୧,୩୩୩, ଜଳସେଚନରେ ୨୫୪, ଶକ୍ତି ଓ ଜଳ ବିଭାଜିକା ଉନ୍ନତି ଲାଗି ୧୩୭, ବନୀକରଣରେ ୩୭ ଏବଂ ଅନ୍ୟାନ୍ୟ ଗୋଟିଏ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ଜିଲା ଖଣିଜ ପାଣ୍ଠି ବୋର୍ଡକୁ ପ୍ରଦାନ କରୁଥିବା ପ୍ରକଳ୍ପ ପ୍ରସ୍ତାବଗୁଡିକୁ ସମ୍ପୃକ୍ତ ଏମ୍ପି ଓ ବିଧାୟକଙ୍କ ଅନୁମୋଦନ ପରେ ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଳିତ ମୋହନ ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା . ତ୍ରିଲୋଚନ ପ୍ରଧାନ, ଅନୁଗୋଳ ଉପଜିଲାପାଳ ବଇତୁରା ଦୀପଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ପୌରପାଳିକା କରୁଛି ପାତରଅନ୍ତର

ଅନୁଗୋଳ ଅଫିସ, ୧୮।୯

## ବିନା ଅନୁମତିରେ ଚାଲିଛି ଦୋକାନ, ଦେଉନାହାନ୍ତି ଟିକସ

ଅନୁଗୋଳ ପୌର ପ୍ରଶାସନ ବିରୋଧରେ ଆସିଛି ପାତରଅନ୍ତର ଅଭିଯୋଗ। ସାମାନ୍ୟ ତ୍ରୁଟି ପାଇଁ ବଡ଼ ଓ ମଧ୍ୟମ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବାବେଳେ ରାଜ୍ ହୋଟେଲ ଛକରେ ବେଆଇନ୍ ଭାବେ ନିର୍ମାଣ କରାଯାଇଥିବା କୋଠା ଏବଂ ସେଠାରେ ଗଢ଼ି ଉଠିଥିବା ବ୍ୟବସାୟିକ ପ୍ରତିଷ୍ଠାନ ବିରୋଧରେ ଅଧିକାରୀ ମୁହଁ ଖୋଲୁନାହାନ୍ତି। ଏହାକୁ ନେଇ କାର୍ଯ୍ୟାନୁଷ୍ଠାନର ଶିକାର ଦୋକାନୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ରାଜକୋଷ ବଢ଼ାଇବା ପାଇଁ ଟିକସ ସଂଗ୍ରହ ଉପରେ ଗୁରୁତ୍ୱ ଦେଉଛି ଅନୁଗୋଳ ପୌରପାଳିକା। କେବଳ ଏତିକି ନୁହେଁ, ଟିକସ ଆଦାୟରେ ଯେପରି ଏକ ନମ୍ବର ହେବ ସେଥିଲାଗି ଚାଲିଛି ଅକ୍ଲାନ୍ତ ପରିଶ୍ରମ। ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ଲାଗି ବ୍ୟବସାୟିକ ପ୍ରତିଷ୍ଠାନରେ ଚଢ଼ାଉ କରାଯିବା ସହ ହୋଲ୍ଡିଂ ଟାକ୍ସ, ଟ୍ରେଡ୍ ଲାଇସେନ୍ସ, ୟୁଜର୍ସ ଫି ଯାଞ୍ଚ କରାଯାଉଛି। ଏଥିରେ ଖିଲାପ ହେଲେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଦୋକାନ ସିଲ୍ ହେଉଛି। କିଛିଦିନ ମଧ୍ୟରେ ସହରର ୮ ଦୋକାନକୁ ସିଲ୍ କରାଯାଇଥିଲା। ସେମାନଙ୍କ ନିକଟରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଇଛି। ତେବେ ରାଜ୍ ହୋଟେଲ୍ ଛକରେ ବେଆଇନ ଭାବେ ଚାଲିଥିବା ବ୍ୟବସାୟିକ ଅନୁଷ୍ଠାନକୁ ଅନୁକମ୍ପା ଦେଖାଯାଉଥିବା ଅଭିଯୋଗ ହେଉଛି। ବିନା ଅନୁମତିରେ ଏହି ପ୍ରତିଷ୍ଠାନ ନିର୍ମାଣ କରାଯାଇଥିବା ସ୍ପଷ୍ଟ ହୋଇଛି। ପୌରପାଳିକା ଖାତାରେ ଟିକସ ବକେୟା ରହିଛି। ଏଠାରେ ଗଢ଼ିଉଠିଥିବା ଅନ୍ୟ ବ୍ୟବସାୟିକ ପ୍ରତିଷ୍ଠାନର ଟ୍ରେଡ୍ ଲାଇସେନ୍ସ ନାହିଁ। ହୋଲ୍ଡିଂ ଟାକ୍ସ କିମ୍ବା ୟୁଜର୍ସ ଫି ଦେଉ ନ ଥିବା ଅଭିଯୋଗ ମଧ୍ୟ ହେଉଛି। ତଥାପି ସମ୍ପୃକ୍ତ ପ୍ରତିଷ୍ଠାନ ଉପରେ କୋହଳ ମନୋଭାବକୁ ନେଇ ପୌରପାଳିକା ଉପରେ ପ୍ରଶ୍ନ ଉଠାଇଛନ୍ତି ସହରର ବହୁ ବ୍ୟବସାୟୀ।

ଏ ନେଇ ପୌରପାଳିକାର ଜଣେ ପଦସ୍ଥ ଅଧିକାରୀ ନାମଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଉକ୍ତ ମାର୍କେଟ କମ୍ପ୍ଲେକ୍ସକୁ ଟିକସ ସଂଗ୍ରହ କରିବାକୁ ଦୌଡୁଛୁ। ହେଲେ ଘର ମାଲିକ ଧରାଛୁଆଁ ଦେଉନାହାନ୍ତି। ବ୍ୟବସାୟମାନେ ବଡ଼ବଡ଼ିଆଙ୍କ ସହ ସମ୍ପର୍କ ଥିବା କଥା କହି ନାଲି ଆଖି ଦେଖାଉଛନ୍ତି। ତେଣୁ କର୍ମଚାରୀମାନେ ନିରାଶରେ ଫେରୁଛନ୍ତି। ଏଭଳି ମନ୍ତବ୍ୟରୁ କମ୍ପ୍ଲେକ୍ସ ମାଲିକଙ୍କ ଆଗରେ ଅଧିକାରୀଙ୍କ ଅସହାୟତା ସ୍ପଷ୍ଟ ହୋଇଥିବାବେଳେ ପୌରପାଳିକାର କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ୧୦୫ ୟୁନିଟ୍ ରକ୍ତ ସଂଗ୍ରହ

ବଇଣ୍ଡା,୧୮।୯(ଡି.ଏନ.ଏ.)

## ବିଜେଡି ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ

କିଶୋରନଗର ବ୍ଲକ ତୁରୁଡ଼ା ନେତାଜୀ ଯୁବକ ସଂଘ କାର୍ଯ୍ୟାଳୟ ପରିସରରେ ରବିବାର ବିଜେଡି ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଜେଡି ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଜିଲାପରିଷଦ ସଦସ୍ୟା ଅନୁପମା ସାହୁ, ବିଷ୍ଣୁପ୍ରିୟା ପ୍ରଧାନ ବ୍ଲକ ଅଧ୍ୟକ୍ଷା ଶୈରେନ୍ଦ୍ରି ପ୍ରଧାନ, ବାମୁର ସରପଞ୍ଚ ସଞ୍ଜୀବ ପ୍ରଧାନ, ଅଙ୍ଗପଡା ସରପଞ୍ଚ ଜିତେନ୍ଦ୍ର ସାହୁ, ବିଜେଡି ନେତା ସନ୍ତୋଷ ପ୍ରଧାନ, ତପନ ସାହୁ, ଅରୁଣ ସାହୁ, ଆରୁଣୀ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ୧୦୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରେଢ଼ାଖୋଲ ବ୍ଲଡ୍ ବ୍ୟାଙ୍କ କର୍ମଚାରୀମାନେ ସହଯୋଗ କରିଥିଲେ। ଡାକ୍ତର ସରୋଜ ଘଡେଇ ଯୋଗଦେଇ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।



ଶିବିରରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

# ସାର, ବିହନ ଯୋଗାଣ ଦାବି

ଆଠମଲ୍ଲିକ, ୧୭।୯ (ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଅଏଡା ସେବା ସମବାୟ ସମିତି ଅନ୍ତର୍ଗତ ଚାଷୀମାନଙ୍କୁ ରବିଚାଷ ପାଇଁ ସରକାର ପର୍ଯ୍ୟାପ୍ତ ପରିମାଣର ରାସାୟନିକ ସାର ଓ ବିହନ ଯୋଗାଇବା ପାଇଁ ରାଜ୍ୟ କୃଷି ସଚିବଙ୍କୁ ଅଏଡା ସେବା ସମବାୟ ସମିତି ସଭାପତି ଚିତ୍ତରଞ୍ଜନ କର୍ଣ୍ଣ ଚିଠି ଲେଖିଥିବା ସୂଚନା ମିଳିଛି। ଚିଠିରେ ଉଲ୍ଲେଖ କରାଯାଇଛି, ଏହି ସେବା ସମିତି ଉପରେ ଅଏଡା, ଲୁହାସିଙ୍ଗା ଓ ଜାମୁଡୋଲୀ ପଞ୍ଚାୟତର ଚାଷୀମାନେ ନିର୍ଭର କରନ୍ତି। ଗତ ଖରିଫ ଋତୁରେ ଚାଷୀମାନଙ୍କୁ ସାର ଯୋଗାଇ ଦିଆଯାଇନାହିଁ। ତେଣୁ ରବିଚାଷ ପାଇଁ ସରକାରୀ ଦରରେ ରାସାୟନିକ ସାର ଓ ସୁଲଭ ମୂଲ୍ୟରେ ଚିନାବାଦାମ, ବିରି, ମୁଗ ଆଦି ବିହନ ଯୋଗାଇଦେଲେ ଚାଷୀ ଉପକୃତ ହୋଇପାରିବେ। ବଜାରରେ ସାର କଳାବଜାର ହୋଇ ବସ୍ତା ପ୍ରତି ସରକାରୀ ଦରର ଦୁଇଗୁଣ ଅଧିକରେ ବିକ୍ରି ହେଉଛି। ଅଏଡା ସେବାସମବାୟ ସମିତିକୁ ବର୍ତ୍ତମାନ ରବିଚାଷ ପାଇଁ ୟୁରିଆ ସାର ୨ ହଜାର ବସ୍ତା ଓ ଡିଏପି ୧ ହଜାର ବସ୍ତା ଯୋଗାଇଦିଆଗଲେ ଚାଷୀ ସୁରୁଖୁରୁରେ ଚାଷ କରିପାରିବ ବୋଲି କୃଷି ସଚିବଙ୍କୁ କର୍ଣ୍ଣ ଅବଗତ କରିଛନ୍ତି। ସେହିପରି ଗତ ମହାନଦୀ ବନ୍ୟା ଯୋଗୁ ଚିନାବାଦାମ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ସରକାର ତୁରନ୍ତ ଚାଷୀମାନଙ୍କୁ ଉନ୍ନତ ମାନର ଚିନାବାଦାମ, ବିରି ଓ ମୁଗ ବିହନ ଯୋଗାଇଦେବା ପାଇଁ କୃଷି ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ହାତୀ ଘଉଡ଼ାଇବାକୁ ମିଳାଇଲେ ହାତ



ବଇଣ୍ଡା, ୧୮।୯(ଡି.ଏନ୍.ଏ.)

- ଉପଦ୍ରବ ରୋକିବାକୁ ୩ ପଞ୍ଚାୟତବାସୀ ଏକାଠି
- ହାତୀ ଗୋଡ଼ାଇବାରୁ ଖସିପଡ଼ି ୩ ଆହତ

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜରେ ହାତୀ ଉପଦ୍ରବ ଅଞ୍ଚଳବାସୀକୁ ଅତିଷ୍ଠ କରିପକାଇଲାଣି। ଏକ ପଲରେ ୧୭ ହାତୀ ରେଞ୍ଜ ଅନ୍ତର୍ଗତ ୨୫ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ସେମାନଙ୍କୁ ଘଉଡ଼ାଇବାକୁ ଯାଇ ବନ ବିଭାଗ ବିଫଳ ହୋଇଥିବାବେଳେ ଏବେ ହାତୀ ଉପଦ୍ରବ ରୋକିବାକୁ ଅଣ୍ଟା ଭିଡ଼ିଛନ୍ତି କଣ୍ଟେଇକୁଳିଆ, ହଣ୍ଡପା, ଲୁହମୁଣ୍ଡା ପଞ୍ଚାୟତବାସୀ। ରବିବାର ସମ୍ପୃକ୍ତ ପଞ୍ଚାୟତର ପ୍ରାୟ ୫୦୦ ଲୋକ, ହଣ୍ଡପା ବନ କର୍ମଚାରୀଙ୍କ ସହାୟତାରେ ହାତୀପଲକୁ ଘଉଡ଼ାଇବା ଲାଗି ଉଦ୍ୟମ କରିଥିଲେ। ଏଥିରେ ସାମିଲ ହୋଇଥିଲେ ଲୁହାମୁଣ୍ଡା, ବିଡିସିଙ୍ଗ, ଇଚ୍ଛାପୁର, କଣ୍ଟେଇକୁଳିଆ, ଅଁଳାବେରେଣି, ମଧୁପୁର ଗ୍ରାମର ଶତାଧିକ ଯୁବକ, ବୟସ୍କ। ପୂର୍ବାହ୍ନ ୮ଟାରୁ ଇଚ୍ଛାପୁର ଜଙ୍ଗଲରୁ ହାତୀ ଘଉଡ଼ାଇବା ଅଭିଯାନ ଆରମ୍ଭ ହୋଇଥିଲା। ଲୋକମାନେ ହାତୀପଲକୁ ବିଡିସିଙ୍ଗ ଜଙ୍ଗଲ ଦେଇ ହଣ୍ଡପା ଜଙ୍ଗଲ ଯାଏ ବାଣ ଫୁଟାଇ ବାଜା ବଜାଇ ଖେଦି ନେଇଥିଲେ।

ଅନ୍ୟପଟେ ଏତେସଂଖ୍ୟକ ଲୋକଙ୍କୁ ଦେଖି ବଣୁଆ ହାତୀପଲ ଉଗ୍ରରୂପ ଧାରଣ କରିଥିଲେ। ସେମାନେ ହିଂସ୍ର ହୋଇ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ଧାଁ ଧଉଡ଼ ମଧ୍ୟରେ ଖସିପଡ଼ି ୩ଜଣ ଆହତ ହୋଇଛନ୍ତି। ତେବେ ଅପରାହ୍ନ ୨ଟା ଯାଏ ସମସ୍ତ ଉଦ୍ୟମ ସତ୍ତ୍ୱେ ହାତୀପଲ ହଣ୍ଡପା ଜଙ୍ଗଲ ଡେଇଁ ନ ଥିଲେ। ହାତୀପଲ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ସେମାନଙ୍କ ଉପଦ୍ରବରେ ଧାନ, ଅନ୍ୟାନ୍ୟ ଚାଷ ଉଜୁଡ଼ିଗଲାଣି। ଏହାର ପ୍ରତିକାର ନ ହେଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। କଣ୍ଟେଇକୁଳିଆ ସରପଞ୍ଚ, ସଭାପତି ଅର୍ଜୁନ କୁମାର ସାହୁ, ସମ୍ପାଦକ କିଶୋରାମ ମାଝିଙ୍କ ତତ୍ତ୍ୱାବଧାନରେ ହାତୀ ଘଉଡ଼ା ଅଭିଯାନ କରଯାଇଥିଲା।

# କୋହଲା ପାଗ ସତ୍ତ୍ୱେ ଦର୍ଶକଙ୍କ ଭିଡ଼




କାଷ୍ଟହାଉସ ଏ

ବଅାଁରପାଳ,୧୮।୯(ଡି.ଏନ.ଏ.)

## ୨ୟ ଦିନରେ ନାଲ୍କୋର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା

ନାଲ୍କୋର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ରବିବାର ୨ୟ ଦିନରେ ପହଞ୍ଚିଛି। ରବିବାର କୋହଲା ପାଗ ସତ୍ତ୍ୱେ ବହୁ ଦର୍ଶକଙ୍କ ଭିଡ଼ ପୂଜା ଅଞ୍ଚଳରେ ଦେଖିବାକୁ ମିଳିଛି। ଚଳିତ ବର୍ଷ ୧୮ଟି ମେଢ ଅନୁଷ୍ଠିତ ହୋଇଛି। ଆକର୍ଷଣୀୟ ପୂଜା ମଣ୍ଡପ ସାଙ୍ଗକୁ ମନଲୋଭା ତୋରଣ ଦର୍ଶକଙ୍କୁ ଆକର୍ଷିତ କରୁଛି। ପଟ୍ଲାଇନ, ଠିକାଦାର ସଂଘ, କାଷ୍ଟ ହାଉସ ଏ, କାଷ୍ଟ ହାଉସ୍ ବି, ସିପିପି ଇଲେକ୍ଟ୍ରିକାଲ, ସିଭିଲ ଟାଉନଶିପ୍ ଇଲେକ୍ଟ୍ରିକାଲ ଆଦି ପକ୍ଷରୁ ଆକର୍ଷଣୀୟ ପୂଜା ମଣ୍ଡପରେ ସାଜସଜ୍ଜା ହୋଇଛି।ବିଭିନ୍ନ ପୂଜା କମିଟି ପକ୍ଷରୁ ରଙ୍ଗିନ ଆଲୋକ ସଜ୍ଜା ହୋଇଛି। ସମଗ୍ର ନାଲ୍କୋନଗର ଆଲୋକମାଳାରେ ଝଲସି ଉଠୁଛି। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ସିଆର ଚୌଧୁରୀଙ୍କ ଆଙ୍କରିଂ ଦର୍ଶକଙ୍କ ମନକୁ ଛୁଇଁଛି। ଆସନ୍ତା ୨୩ ତାରିଖରେ ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ଗିରାଙ୍ଗଠାରେ ପଡିଥିବା ଦୋଳି ଓ ମିନା ବଜାରରେ ଗହଳି ହୋଇଛି। ନାଲ୍କୋରେ ପଡିଥିବା ଖଦି ମେଳାରେ ରବିବାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଡିଜିଏମ୍ ରାଜାରାମ ମିଶ୍ର, ସୁନିଲ ମହାପାତ୍ର, କେ.କେ ବେହେରା, ମନୋଜ ପରିଡା, ଇଷ୍ଟେଟ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ନାଲ୍କୋ ସିଭିଲ୍



ନାଲକୋ ସ୍ମେଲଟର।




ନାଲ୍କୋ ଠିକାଦାର ସଂଘ।



ଗିରାଙ୍ଗଠାରେ ପଡିଥିବା ମୀନା ବଜାର।

**ହତ୍ୟା ଉଦ୍ୟମ ଅଭିଯୋଗ**

କଣିହାଁ,୧୮।୯(ଡି.ଏନ.ଏ.)-ଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ କଣିହାଁ ଥାନା ପୋଲିସ ଛେଣ୍ଡିପଦା ଥାନା ଗୋଲାଗାଡ଼ିଆ ଗ୍ରାମର ସୁନୀଲ କୁମାର ଦାସଙ୍କୁ ଗିରଫ କରିଛି। ପୋଲିସ କହିଛି, କାକୁଡ଼ିଆ ଗ୍ରାମର ଭଜମନ ସେଠୀ ଶୁକ୍ରବାର ବିଳମ୍ବିତ ରାତିରେ ଘରେ ଶୋଇଥିବାବେଳେ ସୁନୀଲ ଓ କାକୁଡିଆ ଗ୍ରାମର ବାସୁଦେବ ବେହେରା ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ଏ ନେଇ ନଂ. ୨୪୯/୨୨ରେ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### କେନାଲରେ ବୁଡ଼ି ଶିଶୁକନ୍ୟା ମୃତ

**କାମାକ୍ଷାନଗର, ୧୮।୯(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଜିରିଡ଼ାମାଳି ସୁଧାକରତଇଲା ବସ୍ତିର ବାପୁନି ଚମ୍ପିଆଙ୍କ ୪ବର୍ଷର ଝିଅ ଅଞ୍ଜଳି ଓରଫ ସିମେଲଙ୍କ ରବିବାର ରେଙ୍ଗାଳି ବାମ ମୁଖ୍ୟ କେନାଲରେ ବୁଡ଼ି ମୃତ୍ୟୁ ଘଟିଛି। କେନାଲ ନିକଟରେ ଗଢ଼ି ଉଠିଥିବା ଉକ୍ତ ବସ୍ତିରେ କେତେଜଣ ଯାଯାବର ପରିବାର ରହୁଛନ୍ତି। ସିମେଲ ସାଙ୍ଗମାନଙ୍କ ସହ ଖେଳୁଥିବାବେଳେ ନିଖୋଜ ହୋଇଯାଇଥିଲେ। ମା' ଜେମା ଚମ୍ପିଆ ଖୋଜାଖୋଜି କରି ଝିଅକୁ ପାଇ ନ ଥିଲେ। କେନାଲରେ ବୁଡ଼ିଯାଇଥିବା ସନ୍ଦେହ କରି ଖୋଜାଖୋଜି କରିବା ସମୟରେ ସିମେଲଙ୍କ ମୃତଦେହ ଠାବ କରାଯାଇଥିଲା। ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ନେଇ ନଂ. ୨୮/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବିଲେଇଶୁଣୀ ପୀଠରେ ଲାଗିଲା ଚାରା



**ପରଜଙ୍ଗ, ୧୮।୯(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁଟୁରିଆ ପଞ୍ଚାୟତରେ ଥିବା ପ୍ରମୁଖ ଶକ୍ତିକ୍ଷେତ୍ର ମା' ବିଲେଇଶୁଣୀଙ୍କ ପୀଠରେ 'ଯୁବଶକ୍ତି' ଅନୁଷ୍ଠାନ ପକ୍ଷରୁ ଚାରା ରୋପଣ କରାଯାଇଛି। 'ଯୁବଶକ୍ତି' ଅଧକ୍ଷ ହିମାଂଶୁ ଭୂଷଣ ବାରିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଦସ୍ୟ ଲିଟୁ ମାଝି, ରଞ୍ଜିତ ସାହୁ, ଶ୍ରୀଧର ନାୟକ, ମନୋଜ ବେହେରାଙ୍କ ସମେତ ମନ୍ଦିର ପୂଜକ ଓ ଅନ୍ୟମାନେ ସାମିଲ ହୋଇଥିଲେ। ବିଲେଇଶୁଣୀ ମନ୍ଦିର ଓଡ଼ିଶାର ପ୍ରମୁଖ ଶକ୍ତିପୀଠ ମଧ୍ୟରେ ଅନ୍ୟତମ। ଏଠାରେ ବର୍ଷତମାମ୍ ମାନସିକଧାରୀ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ତେବେ ଅଦ୍ୟାବଧି ଏଭଳି ଏକ ପୀଠ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇପାରିନାହିଁ। ଚାରା ରୋପଣ ମାଧମରେ ମନ୍ଦିରର ସୌନ୍ଦର୍ଯ୍ୟକରଣ ବୃଦ୍ଧି କରିବା ଲାଗି ଯୁବଶକ୍ତି ପକ୍ଷରୁ କରାଯାଇଥିବା ଏଭଳି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଏଥିସହ ବିଲେଇଶୁଣୀ ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ସହ ଆବଶ୍ୟକ ବିକାଶ କରିବାକୁ ସଙ୍ଗଠନ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ପରମ୍ପରା ବଞ୍ଚାଇଛନ୍ତି ୨୫ ବ୍ୟବସାୟୀ

**ଭୁବନ, ୧୮।୯(ଡି.ଏନ୍.ଏ.)**

- ୫୬ ବର୍ଷରେ ଭୁବନର ଦେଶ ଦୁର୍ଗାମେଢ଼
- କମ୍ ବଜେଟରେ ଶୃଙ୍ଖଳିତ ପୂଜାକୁ ଗୁରୁତ୍ୱ
- ବଡ଼ପୂଜାରେ ୨୦୦୦ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ

ମଣିଷ-ଭାରବାହୀ ପ୍ରାଣୀଙ୍କ ମଧ୍ୟରେ ରହିଥିବା ମଧୁର ସମ୍ପର୍କର ପ୍ରତିଫଳନ ଐତିହାସିକ ବଳଦଯାତ୍ରା। ବାଣିଜ୍ୟ ପରମ୍ପରାକୁ ନେଇ ପିଢ଼ି ପରେ ପିଢ଼ି ଶାରଦୀୟ ଦୁର୍ଗାପୂଜାରେ ଆୟୋଜିତ ହୋଇଆସୁଛି ଏହି ପ୍ରସିଦ୍ଧ ପର୍ବ। କରୋନା ମହାମାରୀ ପ୍ରଭାବିତ ବିଶ୍ୱରେ ଦୀର୍ଘ ଦୁଇବର୍ଷ ହେଲା ଏଭଳି ସଂସ୍କୃତିସମ୍ପନ୍ନ ଯାତ୍ରା ହୋଇପାରି ନ ଥିବାବେଳେ ଚଳିତବର୍ଷ ଆଡ଼ମ୍ବର ସହକାରେ ପାଳନ ହେବ ବୋଲି ନିଷ୍ପତ୍ତି ହୋଇଛି। ମା'ଙ୍କ ଆବାହନକୁ ହାତଗଣତି ଦିନ ବାକି ରହିଥିବାବେଳେ ଏହାକୁ ନେଇ ଚଳଚଞ୍ଚଳ ହୋଇଉଠିଛି କଳାସଂସ୍କୃତିର ସହର ଭୁବନ। ଅଞ୍ଚଳର ଅନ୍ୟତମ ପୁରାତନ ପୂଜା ପ୍ରତିଷ୍ଠାନ ଗୁଜୁରୀହାଟ ଦେଶ ଦୁର୍ଗାମେଢ଼ ଏଥିରେ ନିଜକୁ ସାମିଲ କରିଛି। ସୀମିତ ସମ୍ବଳ ସତ୍ତ୍ୱେ ୨୫ଜଣ ବ୍ୟବସାୟୀ ୫୬ ବର୍ଷର ପରମ୍ପରାକୁ ବଞ୍ଚାଇ ରଖିବାକୁ ପ୍ରାଣପଣେ ଉଦ୍ୟମ ଚଳାଇଛନ୍ତି। କମ୍ ବଜେଟରେ ପୂଜା ହେଉଥିଲେ ହେଁ ଯେପରି ମା'ଙ୍କ ନୀତିକାନ୍ତିରେ କାଟ୍‌ଛାଣ୍ଟ ନ ହୁଏ, ସେଥିପ୍ରତି ସର୍ବାଧିକ ଗୁରୁତ୍ୱ ଦିଆଯାଉଛି।



ପେଟ୍ରୋମାକ୍ସ ଲାଇଟ୍, ଛାମୁଣ୍ଡିଆରୁ ଆରମ୍ଭ ହୋଇଥିଲା ଭୁବନର ମା' ଦଶଭୁଜାଙ୍କ ଶାରଦୀୟ ପୂଜା। ସହରର ଦ୍ୱିତୀୟ ପୂଜା ମଣ୍ଡପ ଗୁଜୁରୀହାଟ ଦେଶ ଦୁର୍ଗାମେଢ଼ର ପୂଜା ଆରମ୍ଭ ହୋଇଥିଲା ମାତ୍ର ୮୦୦୦ ଟଙ୍କାରୁ। ସହରର ସବୁଠାରୁ ବଡ଼ ବଜାରରେ ସେତେବେଳର ପୂଜା ବେଶ୍ ଆକର୍ଷଣୀୟ ହେଉଥିଲା। ଏଥିରେ ଅଞ୍ଚଳର ସମସ୍ତ ଜନସାଧାରଣ ସାମିଲ ହେଉଥିଲେ। ପରବର୍ତ୍ତୀ ସମୟରେ ବଜାର ବଢ଼ିବା ସହିତ ବ୍ୟବସାୟୀମାନେ ସୁବିଧା ଦୃଷ୍ଟିରୁ ନିଜ ନିଜ ପ୍ରତିଷ୍ଠାନ କରି ପୂଜା ଆରମ୍ଭ କଲେ। ଫଳରେ ଗୁଜୁରୀହାଟ ସଙ୍କୁଚିତ ହୋଇପଡ଼ିବା ସହ ବ୍ୟବସାୟୀଙ୍କ ସଂଖ୍ୟା ୨୦୦ରୁ ୨୫କୁ ହ୍ରାସ ପାଇଛି। ସମ୍ପୃକ୍ତ ବ୍ୟବସାୟୀଙ୍କ ଉଦ୍ୟମରେ ପୂଜାର ଆୟୋଜନ କରାଯାଉଥିବାବେଳେ ବଜେଟ ରହିଛି ଦେଢ଼ ଲକ୍ଷ ଟଙ୍କା।

ଅନ୍ୟପଟେ ମାଟି ଅନୁକୂଳ ପରେ ମା' ମହିଷମର୍ଦ୍ଦିନୀଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ କାର୍ଯ୍ୟ ଚାଲିଛି। ଦୀର୍ଘ ୫୪ ବର୍ଷ ଧରି ଅଞ୍ଚଳର ବରିଷ୍ଠ ମୂର୍ତ୍ତିକାର ତଥା ୪ନଂ. ୱାର୍ଡର ସୁରେନ୍ଦ୍ର ମିଶ୍ର ମୂର୍ତ୍ତି ନିର୍ମାଣ କରୁଛନ୍ତି। ସୀମିତ ସମ୍ବଳ ମଧ୍ୟରେ ସୁନ୍ଦର ମୂର୍ତ୍ତି, ତୋରଣ, ଆଲୋକ ସାଜସଜ୍ଜାକୁ ଗୁରୁତ୍ୱ ଦିଆଯାଉଛି। ମା'ଙ୍କ ପୂଜା ଆରମ୍ଭରୁ ବିସର୍ଜନ ପର୍ଯ୍ୟନ୍ତ ପ୍ରତି ବ୍ୟବସାୟିକ ପ୍ରତିଷ୍ଠାନ ସମ୍ମୁଖରେ କଳସ ସ୍ଥାପନ କରାଯିବ। ଦଶହରାରେ ୨୦୦୦ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ରହିଛି। ଭସାଣିରେ ପ୍ରଶାସନର ନୀତିନିୟମକୁ ସମ୍ମାନ ଜଣାଇ ବାଜା, ସଂକୀର୍ତ୍ତନମଣ୍ଡଳୀ, ଘଣ୍ଟୁଆଙ୍କୁ ସାମିଲ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

**ବ୍ୟବସାୟୀ କମୁଛନ୍ତି, ବ୍ୟୟ ବଢୁଛି**



ଦଶହରା ଦୁର୍ଗାପୂଜା ଏକ ବ୍ୟୟବହୁଳ ଉତ୍ସବ। ଦିନକୁ ଦିନ ବ୍ୟବସାୟୀଙ୍କ ସଂଖ୍ୟା କମୁଥିବାବେଳେ ବ୍ୟୟ ବଢ଼ିଚାଲିଛି। ତଥାପି ସୀମିତ ସାଧନରେ ପରମ୍ପରା ବଞ୍ଚାଇ ରଖିବାକୁ ଉଦ୍ୟମ କରୁଛୁ। ସମସ୍ତଙ୍କ ସହଯୋଗ ରହିଲେ ଆଗାମୀ ଦିନରେ ଦଶହରା ଉତ୍ସବ ଉନ୍ନତମାନର ହେବ।

-ପ୍ରଭାତ କୁମାର ଅଗ୍ରୱାଲ, ସମ୍ପାଦକ

**ବଜାର ବଢ଼ିଲେ ପୂଜା ଆକର୍ଷଣୀୟ ହେବ**



ଦୀର୍ଘ ୫୨ବର୍ଷ ହେଲା ଗୁଜୁରୀହାଟ ପୂଜା କମିଟି ସହିତ ଜଡ଼ିତ। ବଜାର ସଙ୍କୁଚିତ ହୋଇପଡ଼ିବା ଏବଂ କମିଟି ସଦସ୍ୟଙ୍କ ସଂଖ୍ୟା କମିଯିବା ଫଳରେ ବଡ଼ ଧରଣର ଆୟୋଜନ କରାଯାଇପାରୁନାହିଁ। ବଜାର ବଢ଼ିଲେ ଏବଂ ନୂତନ ସଦସ୍ୟ ସାମିଲ ହେଲେ ପୂଜା ଆକର୍ଷଣୀୟ ହେବ।

-ଲକ୍ଷ୍ମୀଧର ସାହୁ, କୋଷାଧ୍ୟକ୍ଷ

**ମା'ଙ୍କ ମୂର୍ତ୍ତି ପରିଚୟ ଦେଇଛି**



ଦୀର୍ଘ ୫୪ବର୍ଷ ହେଲା ମା'ଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ କରିବାର ସୁଯୋଗ ମିଳିଛି। ବଞ୍ଚିଥିବା ଯାଏ ଏହି କାର୍ଯ୍ୟ କରିବି। କାରଣ ମା'ଙ୍କ ମୂର୍ତ୍ତି ହିଁ ପରିଚୟ ଦେଇଛି। ଅର୍ଥ ବଡ଼କଥା ନୁହେଁ, ମା'ଙ୍କ ପର୍ବରେ ସାମିଲ ହେବା ଗୌରବର ବିଷୟ।

-ସୁରେନ୍ଦ୍ର ମିଶ୍ର, ପାଲାଗାୟକ ତଥା ମୂର୍ତ୍ତି କାରିଗର

# ମାନସିକ ଶାନ୍ତି ଦିଏ ରାଜଯୋଗ

**ଢେଙ୍କାନାଳ ଅଫିସ, ୧୮।୯**

ଢେଙ୍କାନାଳ ସହର କୁଞ୍ଜକାନ୍ତଠାରେ ପ୍ରଜାପିତା ବ୍ରହ୍ମାକୁମାରୀ ପାଠଶାଳାର ତୃତୀୟ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲା ମୁଖ୍ୟ କୃଷି ଅଧିକାରୀ ଅଂଶୁମାନ ପଟ୍ଟନାୟକ ସମାରୋହକୁ ଉଦ୍‌ଘାଟନ କରି କହିଲେ, ଆଧ୍ୟାତ୍ମିକ ଜ୍ଞାନ ଓ ରାଜଯୋଗ ଶିକ୍ଷା ବ୍ୟକ୍ତିଗତ ଜୀବନ ତଥା ସମାଜରେ ଶାନ୍ତି ପ୍ରତିଷ୍ଠାରେ ସହାୟକ ହୋଇଥାଏ। ଯୌଗିକ କୃଷି ବିଷୟରେ ସଚେତନତା ସୃଷ୍ଟି ପାଇଁ ସେ ସଂସ୍ଥାକୁ କୃତଜ୍ଞତା ଜଣାଇଥିଲେ। ଅନୁଷ୍ଠାନର ଜିଲା ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଉଷା ରାଜଯୋଗ ଅଭ୍ୟାସ କରିବା ସହ ଅନ୍ୟକୁ ଏଥିଲାଗି ପ୍ରେରିତ କରିବା ଲାଗି ଗୁରୁତ୍ୱାରୋପ କରିଥିଲେ। ସ୍ଥାନୀୟ କାଉନ୍‌ସିଲର ଶିକ୍ଷାବିତ୍ ଅଭିମନ୍ୟୁ ପଣ୍ଡା, ପୂର୍ବତନ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ, ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ଜଗଦାନନ୍ଦ ତ୍ରିପାଠୀ, ପୂର୍ବତନ ସିବିଆଇ ବିଚାରପତି ଭିକାରି ଚରଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବ୍ରହ୍ମାକୁମାର ବିଜୟ, ବେଣୁଧର, ସନ୍ତୋଷ କାର୍ଯ୍ୟକ୍ରମ ପରିଚାଳନା କରଥିଲେ। ଏହି ଅବସରରେ ପାଠଶାଳାର ଭାଇଭଉଣୀଙ୍କୁ ଉପହାର ପ୍ରଦାନ କରାଯାଇଥିଲା।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ସର୍ବଦା ପ୍ରଗତିଶୀଳ ଶକ୍ତି ବିଜୟୀ ହୋଇଥାଏ

**ଢେଙ୍କାନାଳ ଅଫିସ, ୧୮।୯**

ଭୁବନେଶ୍ୱରସ୍ଥିତ ରେଡ୍‌କ୍ରସ୍ ଭବନରେ ରବିବାର ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୟରାମ ରମେଶଙ୍କୁ ଢେଙ୍କାନାଳ ଉତ୍ପୁନା ଅନୁଷ୍ଠାନର ପ୍ରତିନିଧି ଦଳ ସାକ୍ଷାତ୍ କରିଛନ୍ତି। ଦେଶର ସଙ୍କଟ ସମୟରେ ଫାସିବାଦୀ ସଙ୍ଗଠନମାନେ ଜାତୀୟ ସଂହତିକୁ ବିପଦରେ ପକାଇବାକୁ ଚେଷ୍ଟା କରୁଛନ୍ତି। ସେମାନଙ୍କୁ ଜବାବ ଦେବାକୁ ପ୍ରଗତିଶୀଳ ଶକ୍ତିମାନେ ଏକାଠି ହୋଇ ସଂଗ୍ରାମ କରିବା ଉଚିତ ବୋଲି ଉଭୟ ନେତାଙ୍କୁ ସଦସ୍ୟମାନେ କହିଥିଲେ। ଏହି ଅବସରରେ ଦିଗ୍‌ବିଜୟ କହିଲେ, ସର୍ବଦା ପ୍ରଗତିଶୀଳ ଶକ୍ତିମାନେ ବିଜୟୀ ହୋଇଥାନ୍ତି। ଏହା ପରେ ଉତ୍ପୁନାର ପ୍ରତିନିଧିମଣ୍ଡଳୀକୁ ଉଭୟ ନେତା ସମ୍ବର୍ଦ୍ଧିତ କରିଥିଲେ। ଉତ୍ପୁନାର ରାଜ୍ୟ ଅଧକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ, ସରୋଜ କୁମାର ଶତପଥୀ, ପୀତବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବଳଦଯାତ୍ରାରେ କାଚରା ସମ୍ପ୍ରଦାୟକୁ ଗୁରୁତ୍ୱ ଦେବାକୁ ଦାବି

**ଭୁବନ, ୧୮।୯(ଡି.ଏନ୍.ଏ.)**

ଭୁବନର ପ୍ରସିଦ୍ଧ ବଳଦଯାତ୍ରାରେ କାଚରା ସମ୍ପ୍ରଦାୟକୁ ପୂର୍ବ ଭଳି ଗୁରୁତ୍ୱ ଦେବାକୁ ଦାବି ହୋଇଛି। ଏ ନେଇ ସଭାପତି ମାଧବାନନ୍ଦ ସାହୁ, ବରିଷ୍ଠ କର୍ମକର୍ତ୍ତା ବସନ୍ତ କୁମାର ସାହୁ ପ୍ରମୁଖ ଶାନ୍ତି କମିଟି ବୈଠକରେ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି। ସମ୍ପ୍ରଦାୟର ସମ୍ମାନ ଦୃଷ୍ଟିରୁ ପ୍ରଶାସନ ଏହାକୁ ଗୁରୁତ୍ୱର ସହ ବିଚାର କରିବାକୁ ସେମାନେ ଦାବି କରିଛନ୍ତି। ଥୋରିଆ, ବଣିଆ ଏବଂ କାଚରା ସମ୍ପ୍ରଦାୟ ପକ୍ଷରୁ ଦୀର୍ଘବର୍ଷ ତଳେ ବଳଦଯାତ୍ରା ଆରମ୍ଭ ହୋଇଥିଲା। ତେବେ କୌଣସି ଏକ ବିବାଦକୁ ନେଇ କାଚରା ସମ୍ପ୍ରଦାୟ ଯାତ୍ରାରେ ସକ୍ରିୟ ଭୂମିକା ନେବାରୁ ବଞ୍ଚିତ ହୋଇଥିଲା। ପରମ୍ପରା ବଞ୍ଚାଇ ରଖିବାକୁ ପ୍ରତିବର୍ଷ ଯଦିଓ ସମ୍ପ୍ରଦାୟର ବଳଦ ଶୋଭାଯାତ୍ରାରେ ସାମିଲ ହେଉଛି, ତଥାପି ଅନ୍ୟ ସମ୍ପ୍ରଦାୟକୁ ଯେମିତି ଗୁରୁତ୍ୱ ଦିଆଯାଉଛି ସେପରି ଗୁରୁତ୍ୱ କାଚରା ସମାଜକୁ ମିଳୁ ନ ଥିବା ଅଭିଯୋଗ ହେଉଛି। ପୂର୍ବ ପରମ୍ପରାକୁ ପୁନର୍ବାର ଉଜ୍ଜୀବିତ କରିବାକୁ ଏବେ ସମ୍ପ୍ରଦାୟର ଯୁବପିଢ଼ି ଅଣ୍ଟା ଭିଡ଼ିଥିବାବେଳେ ଏଥିରେ ପ୍ରଶାସନ ସହଯୋଗ କରିବାକୁ ସେମାନେ ଦାବି କରିଛନ୍ତି। ଏ ବିଷୟରେ ଶାନ୍ତି କମିଟି ବୈଠକର ସଭାପତି ତଥା ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ, ତହସିଲଦାର ଏବଂ ନିର୍ବାହୀ ଅଧିକାରୀଙ୍କୁ ଶନିବାର ଅନୁଷ୍ଠିତ ଶାନ୍ତି କମିଟି ବୈଠକରେ ଅବଗତ କରାଯାଇଛି। ବଳଦଯାତ୍ରାରେ କାଚରା ସମ୍ପ୍ରଦାୟର କର୍ମକର୍ତ୍ତାଙ୍କୁ ଯାହା ଦାୟିତ୍ୱ ଦିଆଯିବ, ତାହାକୁ ସୁଚାରୁରୂପେ ପାଳନ କରିବାକୁ ସେମାନେ ପ୍ରତିଶ୍ରୁତି ଦେଇଛନ୍ତି। ସହର ସଙ୍ଗଠନ ସଭାପତି ଏବଂ ଗାଁ କମିଟି ବୈଠକରେ ଏ ସମ୍ପର୍କରେ ଆଲୋଚନା କରି ଦାବି ପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି।

# ସାରଙ୍ଗଧର ଥିଲେ ଗଡ଼ଜାତ ଆନ୍ଦୋଳନର କର୍ଣ୍ଣଧାର

**ପୁଣ୍ୟତିଥିରେ ସ୍ମୃତିଚାରଣ**

**ଢେଙ୍କାନାଳ ଅଫିସ, ୧୮।୯**

ସଂଗ୍ରାମୀ ସାରଙ୍ଗଧର ଦାସ ଥିଲେ ଗଡ଼ଜାତ ଆନ୍ଦୋଳନର କର୍ଣ୍ଣଧାର। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠାରେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କୁ ସେ ଅକୁଣ୍ଠ ସହଯୋଗ କରିଥିଲେ। ଗଡ଼ଜାତ ଗାନ୍ଧୀଙ୍କ ଆଦର୍ଶଜୀବନ ଓ ଅବଦାନକୁ ଓଡ଼ିଆ ଜାତି ସବୁବେଳେ ମନେ ରଖିବ ବୋଲି କହିଛନ୍ତି ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ। ସଂଗ୍ରାମୀ, ସମାଜବାଦୀ ନେତା ତଥା ପୂର୍ବତନ ଏମ୍‌ପି ସାରଙ୍ଗଧରଙ୍କ ୬୫ତମ ପୁଣ୍ୟତିଥି ଉପଲକ୍ଷେ ରବିବାର ଢେଙ୍କାନାଳରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଏହା କହିଥିଲେ।

ସାରଙ୍ଗଧର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ଥାନୀୟ କୈବଲ୍ୟ ବଜାରରେ ଥିବା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ, ବିଧାୟକ ସୁଧୀର କୁମାର ସାମଲ, ଜିଲାପାଳ ସରୋଜ କୁମାର ସେଠୀ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ବରିଷ୍ଠ ବିଜେଡି ନେତା ବିଜୟ ନାୟକ, ମିଲିତବଜାର ପୂଜା କମିଟି ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ପୌର ଉପାଧକ୍ଷ ପ୍ରକାଶ କୁଅଁର, ଜିଲା ମହିଳା ବିଜେଡି ସଭାପତି ସାଗରିକା ମିଶ୍ର, ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, କାଉନସିଲର ସନ୍ଦୀପ ଷଡ଼ଙ୍ଗୀ, ଢେଙ୍କାନାଳ ମେହେନ୍ତର ସଂଘର ସାଧାରଣ ସମ୍ପାଦକ ଗୀତାଞ୍ଜଳି ପାଣି, ପୌର ପରିଷଦ କାଉନସିଲର, ବଜରଙ୍ଗ କ୍ଲବର କର୍ମକର୍ତ୍ତାଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେହିପରି ସାରଙ୍ଗଧର ଟ୍ରଷ୍ଟ ପକ୍ଷରୁ ସଂଗ୍ରାମୀଙ୍କ ପୈତୃକ ଗ୍ରାମ ସଦର ବ୍ଲକ ହରେକୃଷ୍ଣପୁରରେ ଥିବା ସ୍ମୃତିସ୍ତମ୍ଭ ନିକଟରେ ଏକ ସ୍ମୃତିସଭାର ଆୟୋଜନ କରାଯାଇଥିଲା। ଜିଲାପାଳ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଗ୍ରାମବାସୀ, ଟ୍ରଷ୍ଟର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବେଲଟିକିରିସ୍ଥିତ ସାରଙ୍ଗଧର ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା।



# ରେକର୍ଡଭୁକ୍ତ ହେବ ଢେଙ୍କାନାଳ କଲେଜର ୩୪ ଏକର ଜମି

**ଢେଙ୍କାନାଳ ଅଫିସ, ୧୮।୯**

ଢେଙ୍କାନାଳସ୍ୱୟଂଶାସିତମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ଏକ ଜରୁରୀ ବୈଠକ ରବିବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ଅଭୟ କୁମାର ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ୩୪ ଏକର ଜମି ଅଦ୍ୟାବଧି କଲେଜ ନାମରେ ରେକର୍ଡଭୁକ୍ତ ହୋଇ ନ ଥିବାରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏ ସଂକ୍ରାନ୍ତରେ ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି ନିଆଯିବା ସହ ଏକ କମିଟି ଗଠନ କରାଯାଇଛି। ଉକ୍ତ କମିଟିରେ ସଭାପତିଙ୍କ ସମେତ, ସମ୍ପାଦକ ବିଶ୍ୱନାଥ ବେହେରା, ସଦସ୍ୟ ଶିବସାଇ ମହାପାତ୍ର, ସୁକାନ୍ତ ମିଶ୍ର, ପ୍ରକାଶ କୁଅଁର, ସୁନୀଲ ଦାଶ, ଶରତ ସାହୁ, ବେଣୁଧର ସାହୁ, ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, ସମିତ ସାହୁ ପ୍ରମୁଖ ଅଛନ୍ତି। ଏହି କମିଟି ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ସହିତ ସାକ୍ଷାତ୍ କରି ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି ହୋଇଛି। ସଦସ୍ୟତା ଦେୟ ଦେଇ ନ ଥିବା ସଦସ୍ୟମାନେ ସେପ୍ଟେମ୍ବର ଶେଷ ସୁଦ୍ଧା ଟଙ୍କା ଜମା କରିବାକୁ କୁହାଯାଇଛି।

# ୭୮ ୟୁନିଟ୍ ରକ୍ତ ସଂଗ୍ରହ

**କାମାକ୍ଷାନଗର, ୧୮।୯(ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ଉପଲକ୍ଷେ କାମାକ୍ଷାନଗରସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସମୁଦାୟ ୭୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଭାଜପା ନେତା ଶତ୍ରୁଘ୍ନ ଜେନା, ବିଭୂତି ପ୍ରଧାନ, ପ୍ରେମାନନ୍ଦ ଜେନା, ରବିନାରାୟଣ ସାହୁ, ସନ୍ଦୀପ ପଟ୍ଟନାୟକ, ରଣଜିତ ସାହୁ, ଶିଶିରକାନ୍ତ ନାୟକ, ଦୀପକ ଗୋଚ୍ଛାୟତ, ଏମ.ଜେ. ମହିମା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରାଇଥିଲେ। ସଞ୍ଜୟ ରାଉତ, ସରୋଜକାନ୍ତ ବେହେରା, ନିବେଦିତା ରାଉତ, ଲକ୍ଷ୍ମଣ ବିଶ୍ୱାଳ, ସୁମନ ସନ୍ଦୀପ ମହାପାତ୍ର, ଜିତେନ୍ଦ୍ର ସାମଲ, ଶେଷରଞ୍ଜନ ନାଥ, ରମାକାନ୍ତ ରାଉତ, ରାସବିହାରୀ ବେହେରା, ଦୀପକ ସାହୁ, ସୁଶାନ୍ତ ସାହୁ, ଅମନ ବିଶ୍ୱାଳ, ଅଜୟ ରାଉତ, ଭିକି ତ୍ରିପାଠୀ, ବିଶ୍ୱମ୍ବର ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।



ରକ୍ତଦାନ ଶିବିରରେ ଭାଜପା ନେତୃବୃନ୍ଦ।

# ଆଖି ବୁଜିଲେ ସମ୍ପର୍କୀୟା ଭଉଣୀ

**କାମାକ୍ଷାନଗର, ୧୮।୯(ଡି.ଏନ୍.ଏ.)**

**ପୋଲିସ ସହ ଛକାପଞ୍ଝା ବେଳେ ମଦ ବୋଝେଇ କାର୍ ମାଡ଼ିଯିବା ଘଟଣା**

ଚୋରା ମଦ ଚାଲାଣକାରୀ ଓ ପୋଲିସ ମଧ୍ୟରେ ଛକାପଞ୍ଝା ଭିତରେ ଅକାଳରେ ଝରିପଡ଼ିଛି ଦୁଇ ଦୁଇଟି ନିରୀହ ଜୀବନ। ଉଜୁଡ଼ି ଯାଇଛି ହସଖୁସିର ପରିବାର। ପୋଲିସକୁ ଚକ୍‌ମା ଦେଇ ଦ୍ରୁତଗତିରେ ଫେରାର ହୋଇଯିବାକୁ ଉଦ୍ୟମ କରୁଥିବା ଏକ କାର୍ ଧକ୍କାରେ ଘଟଣାସ୍ଥଳରେ ଭାଇଙ୍କର ମୃତ୍ୟୁ ଘଟିଥିବାବେଳେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି ସମ୍ପର୍କୀୟ ଭଉଣୀ। ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଜିରାଳ ଗ୍ରାମ ନିକଟରେ ଶନିବାର ଘଟିଥିବା ଏଭଳି ଛାତିଥରା ଦୁର୍ଘଟଣା ଅଞ୍ଚଳବାସୀଙ୍କୁ ଦୋହଲାଇ ଦେଇଛି। ଶୋକାକୁଳ ପରିବେଶରେ ଉଭୟ ମୃତକଙ୍କ ଶେଷକୃତ୍ୟ ରବିବାର ସମ୍ପନ୍ନ ହୋଇଛି। ଏହି ଘଟଣାରେ ପୋଲିସ ନଂ. ୩୬୨/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇଥିବା କାର୍ ନମ୍ବରରୁ ଏହାର ମାଲିକଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରାଯାଇଛି। ତେବେ ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କା ଥିବାରୁ ତାଙ୍କ ନାମ ଗୋପନ ରଖାଯାଇଥିବା ପୋଲିସ କହିଛି।



ସୂଚନାଯୋଗ୍ୟ, କାମାକ୍ଷାନଗର ପାର୍ଶ୍ୱରୁ ଏକ କାର୍ (ନଂ. ଓଆର୍ ୦୨ ଏଏକ୍ସ ୬୨୬୮)ରେ ଚୋରା ମଦ ଚାଲାଣ ହେଉଥିବା ସୂଚନା ପାଇ କାମାକ୍ଷାନଗର ପୋଲିସ ପିଛା କରୁଥିଲା। ପୋଲିସ ହାତରେ ଧରାପଡ଼ିବା ଭୟରେ ଡ୍ରାଇଭର ଦ୍ରୁତ ଗତିରେ ଗାଡ଼ି ଚଲାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଏକ ବାଇକ୍‌ରେ ମାର୍କେଟିଂ ସାରି ଘରକୁ ଫେରୁଥିବା ବାଲିପଡ଼ା ଡିମିରିଆ ଗ୍ରାମର ବିଦ୍ୟାଧର ରାଉତ (୪୦) ଏବଂ ତାଙ୍କର ସମ୍ପର୍କୀୟ ଭଉଣୀ ତଥା ହିନ୍ଦୋଳ ଅଞ୍ଚଳର ଉର୍ମିଳା ପ୍ରଧାନ ଓରଫ ରୁମିଲା (୩୨)ଙ୍କ ସହ କାର୍ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ବିଦ୍ୟାଧରଙ୍କ ଡାହାଣ ଗୋଡ ଛିଣ୍ଡି ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ରୁମିଲାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରଥମେ ଜିରାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଉଦ୍‌ବେଗଜନକ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ଗାଁରେ ପହଞ୍ଚିଥିଲା। ଏକ ଶୋକାକୁଳ ପରିବେଶରେ ଉଭୟଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଗାଡ଼ିରୁ ବାହାରିଲା ୧୫୦ ଲିଟର ଦେଶୀ ମହୁଲି

ଜିରାଳରେ ଘଟିଥିବା ଦୁର୍ଘଟଣା ଚୋରା ମଦ ବ୍ୟବସାୟୀଙ୍କ କଳା କାରନାମାକୁ ପଦାକୁ ଆଣିଛି। ପୋଲିସ ଆଖିରେ ଧୂଳି ଦେଇ ଦାମୀ କାର୍‌ରେ ନିୟମିତ ବିଭିନ୍ନ ସ୍ଥାନକୁ ମଦ ଚାଲାଣ କରାଯାଉଥିବା ଏହି ଘଟଣାରୁ ସ୍ପଷ୍ଟ ହୋଇଛି। ଘଟଣାର ୨୪ ଘଣ୍ଟା ପରେ ଜବତ କାର୍ ରୁ ୧୫୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଥିବା ପୋଲିସ କହିଛି। ଅନ୍ୟପଟେ ଏତେ କମ୍ ସମୟ ମଧ୍ୟରେ ଅଭିଯୁକ୍ତମାନେ କିପରି ଫେରାର ହୋଇଗଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଦୁର୍ଘଟଣା ୨ ଜଣ ଜୀବନ ନେଇଥିବାବେଳେ କାର୍ ଚଲାଉଥିବା ଡ୍ରାଇଭର, ମଦ ଚାଲାଣରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ପରିବାର ଉପରେ ଦୁଃଖର ପାହାଡ଼

କୌଣସି ଦୋଷ ନ ଥାଇ ଅକାଳରେ ଚାଲିଗଲା ୨ ଅମୂଲ୍ୟ ଜୀବନ। ଏତେ କମ୍ ସମୟ ମଧ୍ୟରେ ଏତେବଡ଼ ଘଟଣା ଘଟିଯିବ ଏବଂ ଦୁଇ ପରିବାର ଉପରେ ଦୁଃଖର ପାହାଡ଼ ଛିଣ୍ଡିପଡ଼ିବ ବୋଲି କେହି କଳ୍ପନା କରି ନ ଥିଲେ। ବିଦ୍ୟାଧରଙ୍କ ଏଭଳି ମୃତ୍ୟୁରେ ପରିବାର ଦୋହଲିଯାଇଛି। ଘରର ଏକମାତ୍ର ରୋଜଗାରିଆ ସଦସ୍ୟଙ୍କୁ ହରାଇ ସମସ୍ତେ ଭାଙ୍ଗିପଡ଼ିଛନ୍ତି। ଅସହାୟ ହୋଇପଡ଼ିଥିବା ବିଧବା ସ୍ତ୍ରୀ, ବୁଢ଼ୀ ମା' ଏବଂ କଲେଜ ପଢୁଆ ଦୁଇ ଝିଅପୁଅ ଏବେ କ'ଣ କରିବେ, କିପରି ଚଳିବେ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ସେହିପରି ଉର୍ମିଳାଙ୍କ ମୃତ୍ୟୁରେ ତାଙ୍କର ଦୁଇ ଛୋଟ ଛୋଟ ଶିଶୁ ମା' ଛେଉଣ୍ଡ ହୋଇଯାଇଛନ୍ତି। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ପ୍ରଶାସନ ସମ୍ପୃକ୍ତ ପରିବାରର ଦାୟିତ୍ୱ ନେବାକୁ ଦାବି ହେଉଛି।

